# Akashvani, Sambalpur

## SAMBALPURI NEWS BULLETIN

### 27 May 2025- 6.47- 6.52 am.

**********************************************

ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍     ଆର୍ଏନ୍ୟୁ/ ସମ୍ବଲପୁର

ଐତିହ୍ୟ ସହର୍ ପୁରୀନୁ ଆଏବା ୨୯ ତାରିଖ୍ ଦିନ କେନ୍ଦ୍ର ସର୍କାର୍ଙ୍କର୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ମୁଳ୍ ହେବା । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ଜରିଏ ଇତାର୍ ଶୁଭାରମ୍ଭ କର୍ବେ । ପୁରୀ ନ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, ଅଲ୍ଗା ବିଭାଗୀୟ ମନ୍ତ୍ରୀ ଆଉ ଅଧିକାରୀମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅଭିଯାନ୍ ଆଏବା ୨୯ ତାରିଖ୍ନୁ ଜୁନ୍ ୧୨ ତାରିଖ୍ତକ୍ ସାରା ଦେଶେ ଚାଲ୍ବା । ଗଲାକାଏଲ୍ କୃଷି ଭବନ୍ ସମ୍ମିଲନୀ କକ୍ଷ ନ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧକ୍ଷତାଥି ଇଥିର୍ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ଆଇ ଆଇ ଟି ଏମ                ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାରାଷ୍ଟ୍ରର୍ ପୁନେ ଠାନେ ଥିବା ଭାରତୀୟ କ୍ରାନ୍ତୀୟ ପାଣିପାଗ ବିଜ୍ଞାନ୍ ପ୍ରତିଷ୍ଠାନ୍- ଆଇ ଆଇ ଟି ଏମ୍ ପୁର୍‌ଥିର୍ ପହେଲା ସ୍ୱଦେଶୀ ହାଇ ରିଜୋଲ୍ୟୁସନ୍ ପାଣିପାଗ୍ ପୂର୍ବାନୁମାନ୍ ପ୍ରଣାଲୀ 'ଭାରତ୍ ପୂର୍ବାନୁମାନ୍ ପ୍ରଣାଳୀ' ଦେଶର୍ ଲାଗି ସମର୍ପିତ୍ ହେଇଛେ । କେନ୍ଦ୍ର ବିଜ୍ଞାନ୍ ଆଉ ପ୍ରଯୁକ୍ତି ଆଉ ଭୂ-ବିଜ୍ଞାନ୍ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଗଲାକାଏଲ୍ ଇଟାର୍ ଶୁଭାରମ୍ଭ କରିଛନ୍ । ଇ ପ୍ରଣାଲୀ ଜରିଏ ପାଣିପାଗ୍ ପୂର୍ବାନୁମାନ୍ ବ୍ୟବସ୍ଥାର୍ ରିଜୋଲ୍ୟୁସନ୍ କ୍ଷମତାକେ ୧୨ କିଲୋମିଟର୍‌ନୁ ୬ କିଲୋମିଟର୍‌କେ ବଢ଼ାଯାଇଛେ । ହେଥିର୍‌ଲାଗି ଦେଶର୍ ସବୁ ଗାଁକେ ଆହୁରି ଫଟିକ୍ ଭାବେ ଉପଗ୍ରହ ଜରିଏ ଦେଖାଯାଇପାର୍‌ବା ଆଉ ଠିକ୍ ସମିଆଥି ନିର୍ଭୁଲ୍ ଭାବେ ପାଣିପାଗ୍‌ର ପୂର୍ବାନୁମାନ୍ କରାଯାଇପାର୍‌ବା ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ ।

ରାଜ୍ୟପାଲ୍- ମେଟ୍ରିକ୍ ମେଧା ଛାତ୍ରଛାତ୍ରୀ  ଆର୍‌ଏନ୍‌ୟୁ/ ସମ୍ବଲପୁର

ଖାଲି ଶିକ୍ଷା କ୍ଷେତ୍ରଥି ନୁହେଁ, ଭବିଷ୍ୟତ୍‌ଥି ଦାୟିତ୍ୱବାନ୍ ନାଗରିକ୍ ଭାବେ ସଫଲତା ପାଏବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମେଟ୍ରିକ୍ ମେଧା ଛାତ୍ରଛାତ୍ରୀ ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ଗଲାକାଏଲ୍

ରାଜଭବନ୍ ଠାନେ ହେଇଥିବା ମେଟ୍ରିକ୍ ମେଧା ଛାତ୍ରଛାତ୍ରୀମାନ୍‌କର୍ ସମ୍ବର୍ଦ୍ଧନା ସଭାଥି ରାଜ୍ୟପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କୃତି ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧନା ଦେଇକରି ସେମାନ୍‌କର୍ ଉଜ୍ଜ୍ୱଲ୍ ଭବିଷ୍ୟତ୍ କାମନା କରିଛନ୍ । ଇତାର୍‌ସହେତେ ମା'ବାପାଙ୍କର୍ ନିରନ୍ତର୍ ସମର୍ଥନ୍, ତ୍ୟାଗ, ସ୍ନେହ ଆଉ ଶିକ୍ଷକ୍‌ମାନ୍‌କର୍ ମାର୍ଗଦର୍ଶନ୍ ଆଉ ପରାମର୍ଶ ଲାଗି ଇ କୃତୀ ଛାତ୍ରଛାତ୍ରୀମାନେ ଆଏଜ୍ ସଫଲତାର୍ ଶିଘାକେ ପୁହୁଁଚିଛନ୍ ବଲି ରାଜ୍ୟପାଲ୍ କହିଛନ୍ ।

ନୀତି ଆୟୋଗ୍ ରିପୋର୍ଟ                ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ମଧ୍ୟମ୍ ଉଦ୍ୟୋଗ୍ କ୍ଷେତ୍ର ମାନ୍‌କର୍ ଲାଗି ତିଆର୍ ହେଇଥିବା ନୀତି ଶୀର୍ଷକ୍ ଗୁଟେ ରିପୋର୍ଟ ନୂଆଦିଲ୍ଲୀ ଠାନେ ଗଲାକାଏଲ୍ ନୀତି ଆୟୋଗଙ୍କର୍ ତର୍‌ଫୁ ବାହାରିଛେ । ଦେଶର୍ ଅର୍ଥନୈତିକ ଅଭିବୃଦ୍ଧିଥି ମଧ୍ୟମ୍ ଉଦ୍ୟୋଗ୍ ମାନ୍‌କର୍ ଭୂମିକା ବାବ୍‌ଦେ ଗୁଟେ ରୂପରେଖ ଇଥି ଉଲ୍ଲେଖ କରାଯାଇଛେ । ମଧ୍ୟମ୍ ଉଦ୍ୟୋଗ୍‌ମାନ୍‌କର୍ ଲାଗି ଥିବା ଆହ୍ୱାନ୍, ବଜାର ଥିତି, ଗବେଷଣା ସହଯୋଗ୍, ପ୍ରଯୁକ୍ତି ବିଦ୍ୟାର୍ ଉପଯୋଗ୍, ଭିତିଭୂମି ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଇଥି ଉଲ୍ଲେଖ ହେଇଛେ ।

କୋଭିଡ୍                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ କରୋନା ଆକ୍ରାନ୍ତଙ୍କର୍ ସଂଖ୍ୟା ହଜାରେ ଉପର୍‌କେ ପୁହୁଁଚିଛେ, ହେଲେ ଓଡ଼ିଶା ନ ଥିତି ଠିକ୍ ରହିଛେ । ହେଲେଭିଲ୍ କୋଭିଡ୍ ମୁକାବିଲା ଲାଗି ରାଜ୍ୟ ସର୍‌କାର୍ ପୁରା ତୟାର୍ ଅଛନ୍ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଳକଣ୍ଠ ମିଶ୍ର କହିଛନ୍ । ସେ କହିଛନ୍, କରୋନାର୍ ନୂଆଁ ଭେରିଏଂଟ୍ ଘାତକ୍ ନୁହେଁସେ, ଲୁକେ ନାଇଁ ଡରୁନ୍ । କରୋନା ମୁକାବିଲା ଲାଗି ରାଏଜେ  ସବୁପ୍ରକାର୍ ପ୍ରସ୍ତୁତି କରାଯାଇଛେ । ଇଥିର୍‌ଲାଗି ଡାକ୍ତର୍‌ଖାନାମାନ୍‌କୁ ଭିଲ୍ ତୟାର୍ ରଖାଯାଇଛେ । ରାଜ୍ୟ ସର୍‌କାର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଯୋଗାଯୋଗ୍‌ଥି ଅଛନ୍ ବଲି ଶ୍ରୀ ମିଶ୍ର କହିଛନ୍ ।

ସୁପର୍ ସ୍ପେଶାଲିଟି କୋଠା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ସ୍ୱାସ୍ଥ୍ୟସେବା କ୍ଷେତ୍ରଥି ରୋଗୀମାନ୍‌କୁ ଉନ୍ନତ୍ ଚିକିତ୍ସା ସେବା ଯୁଗେଇ ଦେବାର୍ ଲାଗି ଭିମ୍‌ସାର୍ ନ ତିଆର୍ ହେଇଥିବା ସୁପର୍ ସ୍ପେଶାଲିଟି କୋଠା ଆଏବା ୩୦ ତାରିଖ୍ ଉଦ୍‌ଘାଟନ୍ ହେବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଇତାକେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଇ

ସୁପର୍‌ଭେଶାଲିଟି କୋଠାକେ ଗଲାକାଏଲ୍ ପରିଦର୍ଶନ୍ କରିକରି ଥିତି ସମୀକ୍ଷା କର୍‌ବାର୍ ସହେତେ ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ ।

ଖୋର୍ଦ୍ଧା- ବଲାଙ୍ଗିର୍- ସୁଡୁଙ୍ଗ          ବୌଦ୍ଧ ସମ୍ବାଦଦାତା

ଖୋର୍ଦ୍ଧା- ବଲାଙ୍ଗିର୍ ରେଲ୍ ପ୍ରକଳ୍ପର୍ ବୌଦ୍ଧ ଜିଲ୍ଲାର୍ ହର୍‌ଭଙ୍ଗା ବ୍ଲକ୍ ଆଡ଼େଣିଗଡ଼ ଠାନେ ତିଆର୍ ଚାଲିଥିବା ୪ ନମ୍ବର୍ ଟନେଲ୍ ଧସ୍‌କିବାର୍ ଘଟ୍‌ନାଥି ଶ୍ରମିକ୍ ଆର୍ କର୍ମଚାରୀ ମାନ୍‌କର୍ କେନ୍‌ସି ନୁକ୍‌ସାନ୍ ନାଇଁ ହେଇ ବଲି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ଦୁର୍ଘଟଣା ପ୍ରକଳ୍ପ କାମ୍‌ଥି କି କେନ୍‌ସି ଅସୁବିଧା ନାଇଁ କରି । ସବୁ ଯନ୍ତ୍ରପାତି ଭିଲ୍ ସୁରକ୍ଷିତ୍ ଅଛେ । ସବୁ ଦର୍‌କାରୀ ସୁରକ୍ଷା ବ୍ୟବସ୍ଥା ସଙ୍ଗେ ଯୋଜ୍‌ନା ଅନ୍‌ସାରେ କାମ୍ ଚାଲିଛେ ବଲି ରେଲ୍‌ପଥ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ, ଗଲାକାଏଲ୍ ଇ ଟନେଲ୍‌ର ୪ କିଲୋମିଟର୍ ଲମ୍ବା ସୁଡୁଙ୍ଗ୍‌ର ଗୁଟେ ଜାଗା ନ ଧସ୍‌କି ପଡ଼ିକରି ପାଖାପାଖି ୩୦ ମିଟର୍ ଜାଗା ନ ଗାଡ଼୍ ହେଇଯାଇଥିଲା । ।

ନନ୍ଦପଡ଼ା- ପତର୍‌ପେଁଡ଼ି          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ପତର୍‌ପେଁଡ଼ି ନୀତି ଆଏଜ୍

ବେଲ୍‌ବୁଡ଼େ ହେବା । ବରପିତା, ସପ୍ତର୍ଷି ଆର୍ ପଡ଼ାର୍ ମୁରବୀ ମାନେ କନିଆ ଖୁଜ୍‌ବାର୍‌କେ ଶୋଭାଯାତ୍ରାଥି ବାହାରିବେ । ସେମାନେ କନ୍ୟାପିତାଙ୍କର୍ ଘରେ ପୁହୁଁଚିଲା ଉତ୍‌ରୁ ସପ୍ତରଷି ଆର୍ ବରପିତା ଦେବଦେବ ମହାଦେବଙ୍କର୍ ଗୁଣଗାନ କର୍‌ବେ । ହେଲେ ଝି’ ଘରେ ରାଜି ହେଲା ଉତ୍‌ରୁ ସର୍‌ଗିପତର୍ ପେଁଡ଼ା, ଫୁଲ୍ ଆଉ ବେଲ୍‌ପତର୍ ଦେଇକରି ପତର୍‌ପେଁଡ଼ି ନୀତି କର୍‌ବେ ।

ପ୍ରାକୃତିକ୍ କୃଷି ଦରବ୍ ବିକ୍ରୟ କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ ଟାମ୍ପର୍‌ଗଡ଼୍ ପଂଚାୟତ୍ ଧଲ୍‌ପାଲ୍ ଠାନେ ପ୍ରାକୃତିକ୍ କୃଷି ଦରବ୍ ବିକ୍‌ବାର୍ କେନ୍ଦ୍ର ଉଦ୍‌ଘାଟିତ୍ ହେଇଛେ । ପଂଚାୟତ୍ ମହାସଂଘ ତର୍‌ଫୁ ଆୟୋଜିତ ସମାରୋହଥି କୃଷିମିତ୍ର ଓ୍ୱାର୍ଡ଼ ସଭ୍ୟ ଆଉ ପ୍ରାକୃତିକ କୃଷି ଜରିଏ ଚାଷ୍ କରୁଥିବା ବହୁତ୍‌ଟେ ଚାଷୀ ଉପସ୍ଥିତ୍ ଥିଲେ । କେନ୍ଦ୍ର ଠାନେ ଜୈବିକ ଆର୍ ପ୍ରାକୃତିକ କୃଷି ଜରିଏ ଚାଷ ହଉଥିବା ପନିପରିବା ଆଉ ଭିନ୍ ଭିନ୍ ଦରବ୍ ବିକ୍ରି ବ୍ୟବସ୍ଥା କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ର ପାଖାପାଖି ଉତର୍ ବଙ୍ଗୋପ୍ସାଗର୍ଥି ବନିଥିବା ଲଘୁଚାପ୍ କ୍ଷେତ୍ର ଆଏଜ୍ ଆହୁରି ବର୍କସ୍ ହେବା । ଇତାର୍ ପ୍ରଭାବ୍ଥି ଆଏବା କାଏଲ୍ଠାନୁ ସମୁଦ୍ର ଖୁଁଡ଼ି ଇଲାକାମାନ୍କେ ଜବର୍ ବର୍ଷା ହେବା । ଖାସ୍ କରି ଦକ୍ଷିଣ ଓଡ଼ିଶା ନ ବହୁତ୍ଟେ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍ଘଡ଼ି ସହେତେ ବର୍ଷା ହେଇପାରେ । ବୁଧବାର୍ ଦିନ ବର୍ଷା ଆଉ ପବନ୍ ଆହୁରି ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।

ସେଆଡ଼େ ମୌସୁମୀ ବାୟୁ ସ୍ୱାଭାବିକ୍ ଭାବେ ଆଗ୍କେ ବଢୁଛେ  ଆଉ ଇ ମାସର୍ ଶେଷ୍ତକ୍ ଓଡ଼ିଶା ପୁହୁଁଚିପାରେ ବଲି ଅନୁମାନ୍ କରାଯାଉଛେ ।